# ଆଇଆଇଟିରେ 'ଆଲ୍‌ମା ଫେଷ୍ଟ' ଉଦ୍‌ଘାଟିତ




ଜଟଣୀ, ୧୨।୧ (ଇମିସ): ଜଟଣୀସ୍ଥିତ ଭୁବନେଶ୍ୱର ଆଇଆଇଟିର ବାର୍ଷିକ ସାଂସ୍କୃତିକ ସମାରୋହ 'ଆଲ୍‌ମା ଫେଷ୍ଟ' ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଓଡ଼ିଶୀ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ସଂଗୀତା ଗୋସେଇଁ ମୁଖ୍ୟଅତିଥି ଏବଂ ଭୁବନେଶ୍ୱର ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଡ. ଆର୍‌ଭି ରାଜାକୁମାର ଏବଂ ପ୍ରଫେସର ଡ. ଭିଆର୍ ପେଡିରେଡି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭିନ୍ନତା ମଧରେ ଏକତାର ପ୍ରମୁଖ ଭୂମିକା ସାଂସ୍କୃତିକ କାର୍ଯ୍ୟକଳାପ ଉପରେ ରହିଛି। ଅତିଥିମାନେ ସାମାଜିକ ବିକାଶର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ୩ଦିନ ବ୍ୟାପୀ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାରତର ବିଭିନ୍ନ ରାଜ୍ୟର ୩ଶହ ମହାବିଦ୍ୟାଳୟରୁ ୧ ହଜାରରୁ ଉର୍ଦ୍ଧ୍ୱ ପ୍ରତିଯୋଗୀଙ୍କ ମଧ୍ୟରେ ନୃତ୍ୟ, ଗୀତ, ଚିତ୍ର, ସାହିତ୍ୟ, କବିତା, ଗଳ୍ପ ଓ ସୃଜନାତ୍ମକ ଜ୍ଞାନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ନିର୍ଦ୍ଦେଶକ ଶ୍ରୀ ରାଜାକୁମାର ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ଅଧ୍ୟକ୍ଷ କୌଶିକ ଦାସ, ଛାତ୍ର ପରିଷଦ ଉପସଭାପତି ଅଭିନାଶ ଅଙ୍କିତ ରାଉତ ଏବଂ ସ୍ୱୟଂ ଶୁକ୍ଳ ଏହାକୁ ପରିଚାଳନା କରିଥିବା ବେଳେ ଅଙ୍କୁର ଗୁପ୍ତା ଧନ୍ୟବାଦ ଦେଇଥିଲେ। ଆଇଆଇଟି ପକ୍ଷରୁ ଜଟଣୀର ଅରଗୁଳ ସମେତ ୫ଟି ଗ୍ରାମର ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ଜାତୀୟ ଓ ଆନ୍ତର୍ଜାତୀୟସ୍ତରର କଳାକାରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହେବାକୁ ଥିବାରୁ କୁଳସଚିବ ଡ. ଦେବରାଜ ରଥ ଏବଂ ଛାତ୍ର ମଙ୍ଗଳ ଉପଦେଷ୍ଟା ପ୍ରଫେସର୍ ଡ. ରାଜେଶ ରୋଶନ ଦାଶ ପ୍ରମୁଖ ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ଭୁବନେଶ୍ୱରର ସ୍ୱାଭିମାନ ସଂଗଠନର ଦିବ୍ୟାଙ୍ଗ ନୃତ୍ୟ ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।

# ଆଇଆଇଟିରେ 'ଆଲ୍‌ମା ଫେଷ୍ଟ' ଉଦ୍‌ଘାଟିତ

ଜଟଣୀ, ୧୨।୧(ନି.ପ୍ର): ଜଟଣୀ ଅରଗୁଲ୍‌ସ୍ଥିତ ଭୁବନେଶ୍ୱର ଆଇଆଇଟି କ୍ୟାମ୍ପସ୍ ପରିସରରେ ଆଇଆଇଟିର ସାଂସ୍କୃତିକ ମହୋତ୍ସବ 'ଆଲ୍‌ମା ଫେଷ୍ଟ' ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ବିଶିଷ୍ଟ କଣ୍ଠଶିଳ୍ପୀ ସଙ୍ଗୀତା ଗୋସେଇଁ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ବୈଷୟିକ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀ ଆତ୍ମା ଶୁଦ୍ଧି ଏବଂ ମନକୁ ଶାନ୍ତ ରଖିବା ପାଇଁ ସଙ୍ଗୀତ ଶିକ୍ଷାକୁ ଆଦରି ନେବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଡ଼.ଆର.ଭି.ରାଜକୁମାର, 'ଆଲମ୍।ା ଫେଷ୍ଟ'ର ଅଧ୍ୟକ୍ଷ କୌଶିକ ଦାସ ଏଥିରେ ଯୋଗ ଦେଇଥିଲେ । 'ଆଲ୍‌ମା ଫେଷ୍ଟ'ର ମୁଖ୍ୟ ସଂଯୋଜକ ଶୁଭମ୍ ଶୁକ୍ଳ, ଛାତ୍ର ଜିମ୍‌ଖାନାର ଉପ ସଭାପତି ଅବିନାଶ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଇଆଇଟିର କୁଳସଚିବ ଦେବରାଜ ରଥ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ତିନିଦିନ ଧରି ଚାଲିବ। ଓଡ଼ିଶା ଏବଂ ଓଡ଼ିଶା ବାହାରୁ ୨୨ ଟି କଲେଜ ଏବଂ ବିଶ୍ୱବିଦ୍ୟାଳୟରୁ ଆସିଥିବା ୮୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ବିଭିନ୍ନ ନୃତ୍ୟ, ସଙ୍ଗୀତ ଓ ସାଂସ୍କୃତିକ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଆଇଆଇଟିର ଶ୍ରୀ ରଥ ସୂଚନା ଦେଇଛନ୍ତି।